# Prime Minister’s meeting with Mr. Osamu Suzuki, Senior Advisor, Suzuki Motor Corporation

May 23, 2022

## ସୁଜୁକି ମୋଟୋର୍ସର ବରିଷ୍ଠ ପରାମର୍ଶଦାତାଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ

## ସୁଜୁକି ମୋଟୋର୍ସ କର୍ପୋରେସନ୍‌ର ବରିଷ୍ଠ ପରାମର୍ଶଦାତା ଶ୍ରୀ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୩ ମେ ୨୦୨୨ରେ ଟୋକିଓ ଠାରେ ସୁଜୁକି ମୋଟୋର୍ସ କର୍ପୋରେସନ୍‌ର ବରିଷ୍ଠ ପରାମର୍ଶଦାତା ଶ୍ରୀ ଓସାମା ସୁଜୁକିଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତରେ ଶ୍ରୀ ସୁଜୁକିଙ୍କର ସହଯୋଗୀତା ଏବଂ ଅବଦାନଙ୍କୁ ମନେ ପକାଇ ଥିଲେ ଏବଂ ଭାରତରେ ସୁଜୁକି ମୋଟର୍ସର ଅଟୋମୋବାଇଲ୍ ଉଦ୍ୟୋଗ କ୍ଷେତ୍ରରେ ପରିବର୍ତ୍ତନକାରୀ ଭୂମିକାକୁ ପ୍ରଶଂସା କରିଥିଲେ । ଅଟୋମୋବାଇଲ୍ ଏବଂ ଅଟୋ ଯନ୍ତ୍ରାଂଶ କ୍ଷେତ୍ରରେ ଉତ୍ପାଦ ସଂଯୁକ୍ତ ପ୍ରୋତ୍ସାହନ(ପିଏଲ୍ଆଇ) ଯୋଜନା ନିମନ୍ତେ ଆବେଦନକାରୀ ମାନଙ୍କ ମଧ୍ୟରୁ ସୁଜୁକି ମୋଟର୍ସ ଗୁଜରାଟ ପ୍ରାଇଭେଟ୍ ଲିମିଟେଡ୍ ଏବଂ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ଆବେଦନ ସ୍ୱୀକୃତି ଲାଭ କରିଥିବାରୁ ସେମାନେ ଏହାର ପ୍ରଶଂସା ମଧ୍ୟ କରିଥିଲେ ।

ସେମାନେ ସ୍ଥାୟୀ ଅଭିବୃଦ୍ଧିକୁ ଅନୁଭବ କରିବା ନିମନ୍ତେ ଭାରତରେ ଭବିଷ୍ୟତର ନିବେଶ ସୁଯୋଗ ଗୁଡିକ ବିଷୟରେ, ଯାହା ମଧ୍ୟରେ  ବିଦ୍ୟୁତଚାଳିତ (ଇଲେକ୍ଟ୍ରିକ) ଯାନବାହନ ଏବଂ ବ୍ୟାଟେରୀ ତଥା ପୁନଃଚକ୍ରୀକରଣ କେନ୍ଦ୍ର ଅନ୍ତର୍ଭୁକ୍ତ, ସେ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ସେମାନେ ଭାରତରେ ସ୍ଥାନୀୟ ନବ ଉଦ୍ଭାବନ ବ୍ୟବସ୍ଥା ସ୍ଥାପନ କରିବା ନିମନ୍ତେ ବିଭିନ୍ନ ରଣନୀତି, ଯେଉଁଥିରେ ଜାପାନ - ଭାରତ ଉତ୍ପାଦନକାରୀ ସଂସ୍ଥା (ଜେଆଇଏମ୍) ଏବଂ ଜାପାନୀଜ୍ ଏଣ୍ଡୋଡ୍ କୋର୍ସେସ୍ (ଜେଇସି) ମାଧ୍ୟମରେ ଦକ୍ଷତା ବିକାଶ ଅନ୍ତର୍ଭୂକ୍ତ, ତାହା ଉପରେ ମଧ୍ୟ ଆଲୋଚନା କରିଥିଲେ ।

**ଟୋକିଓ**
**ମେ 23, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.